# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 5 November - 2024

# ମୁଖ୍ୟମନ୍ତ୍ରୀ-ହିନ୍ଦୀ ସମିତି

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ହିନ୍ଦୀ ସମିତିର ୩୨ତମ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରେ ହିନ୍ଦୀଭାଷାର ପ୍ରଚାର ଏବଂ ପ୍ରସାର ପାଇଁ କେତେକ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ଅଧିକ ସଂଖ୍ୟକ ହିନ୍ଦୀ ଶିକ୍ଷକ ପଦବୀ ସୃଷ୍ଟି କରିବା ସହ ହିନ୍ଦୀ ସାହିତ୍ୟକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ରାଜଭାଷା ବିଭାଗର ଆର୍ଥିକ ସହାୟତାରେ ଏକ ସ୍ୱତନ୍ତ୍ର ଅନୁବାଦ କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ରାଜ୍ୟରେ ହିନ୍ଦୀଶିକ୍ଷାକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟରେ କେନ୍ଦ୍ରୀୟ ଅନୁଦାନ ଓ ସ୍ୱତନ୍ତ୍ର ସହାୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି ।

# ଖାଦ୍ୟ ଯୋଗାଣ ମନ୍ତ୍ରୀ

ଧାନମଣ୍ଡିରେ ଦୁର୍ନୀତି ରୋକିବାରେ ଯୋଗାଣ ସହାୟକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଭୁବନେଶ୍ୱରଠାରେ ଗତକାଲି ଆୟୋଜିତ ରାଜ୍ୟ ଯୋଗାଣ ସହାୟକ ସଂଘର ବାର୍ଷିକ ସାଧାରଣ ଅଧିବେଶନରେ

ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଏହା କହିଛନ୍ତି । ସେ କହିଛନ୍ତି ଖାଦ୍ୟ ଯୋଗାଣ ଏବଂ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ସଠିକ୍ ହିତାଧିକାରୀଙ୍କୁ ଚିହ୍ନଟ ଏବଂ ସାମଗ୍ରୀ ପ୍ରଦାନରେ ଯୋଗାଣ ସହାୟକ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି । ଆସନ୍ତା ଖରିଫ୍ ଋତୁରେ ଧାନ ସଂଗ୍ରହ ପାଇଁ ସଠିକ୍ ସହାୟତା ପ୍ରଦାନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଓମ୍‌ଫେଡ

ଓମ୍‌ଫେଡ୍ ଆସନ୍ତା ୨ ମାସ ମଧ୍ୟରେ ତା'ର ଦୈନିକ ଦୁଗ୍ଧ କାରବାର ଆହୁରି ୨ ଲକ୍ଷ ଲିଟର ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖିଛି । ବର୍ତ୍ତମାନ ଦୈନିକ ୫ ଲକ୍ଷ ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରି ଓମ୍‌ଫେଡ୍ ବଜାରରେ ବିକ୍ରି କରୁଛି । ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଦୁଗ୍ଧ ଚାଷୀ ଏବଂ ଗ୍ରାମାଞ୍ଚଳ ଗ୍ରାହକଙ୍କୁ ଗୁଣାତ୍ମକ ତଥା ସ୍ୱାସ୍ଥ୍ୟକର ଦୁଗ୍ଧଜାତୀୟ ପଦାର୍ଥ ଯୋଗାଇଦେବାକୁ ପଞ୍ଚାୟତ ସ୍ତରରେ **କ୍ଷୀରଧାରା** ଖୋଲିବାକୁ ନିଷ୍ପତ୍ତି ହୋଇଛି । ବିଭିନ୍ନ ଜିଲ୍ଲାର ୨୦ଟି ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ଏହା ଆରମ୍ଭ କରାଯିବ । କ୍ଷୀରଧାରା କେନ୍ଦ୍ରରେ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରାଯାଇ ପ୍ରକ୍ରିୟାକରଣ ପାଇଁ ନିକଟସ୍ଥ ପ୍ଲାଣ୍ଟକୁ ପଠାଯିବ । ସେହିଠାରେ ଓମ୍‌ଫେଡ୍ ସମସ୍ତ ପ୍ରକାର କ୍ଷୀରଜାତ ଉତ୍ପାଦ ବିକ୍ରି କରିବା ନେଇ ବୈଠକରେ ସ୍ଥିର ହୋଇଛି ।

## ବୋମା ଧମକ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଗତକାଲି ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାକୁ ଥିବା ବିମାନକୁ ବୋମା ଧମକ ମିଳିବା ପରେ ଯାଞ୍ଚ କରାଯାଇଥିଲା । ସୂଚନା ଅନୁଯାୟୀ ରାତି ୭ଟା ୫୦ ମିନିଟ୍‌ରେ ଦିଲ୍ଲୀ ଯିବାକୁ ଥିବା ଇଣ୍ଡିଗୋ ବିମାନରେ ବୋମା ଥିବା ନେଇ ଧମକ ମିଳିବା ପରେ ଯାତ୍ରୀଙ୍କୁ ବିମାନରୁ ଓହ୍ଲା ଯାଇ ସନ୍ଧାନୀ କୁକୁର ଏବଂ ମେଟାଲ ଡିଟେକ୍ଟର ମାଧ୍ୟମରେ ଯାଞ୍ଚ କରାଯାଇଥିଲା । ଫଳରେ ବିମାନ ଉଡ଼ାଣ ପ୍ରାୟ ୪ ଘଣ୍ଟା ବିଳମ୍ବ ହୋଇଥିଲା ।

## ବାଲିଯାତ୍ରା ପ୍ଲଟ୍

କଟକ ବାଲିଯାତ୍ରା ପ୍ଲଟ୍ ପାଇଁ ଗତକାଲି ସ୍ୱତନ୍ତ୍ର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିରେ ୧୪୦ଟି ପ୍ଲଟ୍‌ର ନିଲାମ ଶେଷ ହୋଇଛି । ଆଜି ଆଉ ୨୨୦ଟି ପ୍ଲଟର ନିଲାମ କରାଯିବ । ବଳକା ପ୍ଲଟ ଗୁଡ଼ିକୁ ତ୍ୱରିତ ନିଲାମ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ପରଲୋକ

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝିଙ୍କର ଗତରାତିରେ ପରଲୋକ ହୋଇଛି । ଅସୁସ୍ଥତା ହେତୁ ଭୁବନେଶ୍ୱର ଏମ୍‌ସରେ ସେ ଚିକିତ୍ସାଧୀନ ଥିଲେ । ତାଙ୍କୁ ୪୫ ବର୍ଷ ବୟସ

ହୋଇଥିଲା । ୨୦୦୮ ମସିହା ଲକ୍ଷ୍ମୀପୁର ଉପନିର୍ବାଚନରେ ସେ କଂଗ୍ରେସ ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

## ଛଟ୍ ପର୍ବ

ଦେଶର ବିଭିନ୍ନ ସ୍ଥାନରେ ଆଜିଠାରୁ ଛଟ୍ ପର୍ବ ଆରମ୍ଭ ହେଉଛି । ପ୍ରଥମ ଦିନରେ ନାହାଏ ଖାଏ ପାଳନ କରାଯାଉଛି । ଦ୍ୱିତୀୟ ଦିନ ଖରନା ଅବସରରେ ନିର୍ଜଳ ବ୍ରତ କରାଯାଏ । ପୂଜାର ତୃତୀୟ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ସନ୍ଧ୍ୟାରେ ସୂର୍ଯ୍ୟଦେବ ଓ ଛଟ୍ ମାତାଙ୍କ ପୂଜା କରାଯାଏ । ପରଦିନ ସକାଳେ ନଦୀଘାଟରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇ ଆରାଧନା କରାଯାଏ । ଏଥିପାଇଁ କଟକ ଗଡ଼ଗଡ଼ିଆ ଘାଟ, ଭୁବନେଶ୍ୱର କୁଆଖାଇ ନଦୀ ଆଦି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

## ଭସାଣି

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ଆଜି ମହାସରସ୍ୱତୀ ବେଶ ଅନୁଷ୍ଠିତ ହେଉଛି । ଏଥିପାଇଁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଜିଲ୍ଲାର ରାଜଘାଟ, ଚରମ୍ପା, ଏରେଇ ଆଦି ସ୍ଥାନରେ ନିର୍ମିତ ପୂଜା ମଣ୍ଡପ ଗୁଡ଼ିକରେ ଲୋକଙ୍କର ଭିଡ଼ ଦେଖିବାକୁ ମିଳିଛି । ଆସନ୍ତା ୮ ତାରିଖରେ କାଳୀ ଭସାଣି ସମାରୋହ ଅନୁଷ୍ଠିତ ହେବ ।

# ଜନଶୁଣାଣି

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଯୁଗ୍ମ ଜନଶୁଣାଣି ଶିବିର ଗତକାଲି ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୮୨ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯିବା ସହ ସେଗୁଡ଼ିକର ଶୁଣାଣି ହୋଇଥିଲା । ସେଥିମଧ୍ୟରୁ ୧୪୮ଟି ବ୍ୟକ୍ତିଗତ, ୩୦ଟି ଗୋଷ୍ଠୀଗତ ହୋଇଥିବା ବେଳେ ୧୦ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୬ ଜଣଙ୍କୁ ଉଚ୍ଚଶିକ୍ଷା ସହାୟତା ରାଶି ପ୍ରଦାନ କରାଯାଇଛି ।

# ଥଣ୍ଡା

ରାଜ୍ୟରେ ଆସନ୍ତା ୧୫ ତାରିଖଠାରୁ ଶୀତ ବଢ଼ିବ । ଉତ୍ତର ପଶ୍ଚିମ ଦିଗରୁ କ୍ରମାଗତ ଭାବେ ଥଣ୍ଡା ଏବଂ ଶୁଷ୍କ ବାୟୁ ପ୍ରବାହ ବୃଦ୍ଧି ପାଇବା ଫଳରେ ତାପମାତ୍ରା କ୍ରମଶଃ ହ୍ରାସ ପାଇବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ବର୍ତ୍ତମାନ ରାଜ୍ୟର କେତେକ ସ୍ଥାନରେ ରାତି ତାପମାତ୍ରାରେ ହ୍ରାସ ପରିଲକ୍ଷିତ ହେବା ସହ ସାମାନ୍ୟ ଥଣ୍ଡା ଅନୁଭୂତ ହେଉଛି । ଫୁଲବାଣୀ, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ାରେ ରାତି ତାପମାତ୍ରା ୧୭ ଡିଗ୍ରୀ ସେଲ୍‌ସିୟସ୍ ପାଖାପାଖି ରହୁଥିବା ରେକର୍ଡ କରାଯାଇଛି ।